# ସମନ୍ବିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ସୋନପୁର

I.C.D.S

## ବିଜ୍ଞାପନ

ସଂଖ୍ୟା ୯୨୫ ତାରିଖ ୧୫.୦୫.୨୦୨୬

ଏତଦ୍ଦ୍ୱାରା ନିମ୍ନଲିଖିତ ଓ *ନିମ୍ନ ପ୍ରଦତ୍ତ* ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ମହିଳା ଓ ଶିଶୁ ବିକାଶ ବିଭାଗ ଓଡିଶାଙ୍କ ନିୟମାବଳୀ ଚିଠି ସଂଖ୍ୟା WCD-ICDS-G-MISC-0033-2022 4970 /WCD, Date: 15/03/2023 ରିଖ ପ୍ରକାରରେ ନିମ୍ନ ଲିଖିତ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ସକାଶେ " ଅଙ୍ଗନୱାଡି କର୍ମୀ "ପଦବୀ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।ଏଣୁ ଆଗ୍ରହି ମହିଳା ପ୍ରାର୍ଥିନୀମାନେ ଅନଲାଇନ ମାଧ୍ୟମରେ ଆବେଦନ ଫର୍ମରେ ସଠିକ ଭାବେ ପୂରଣ କରି ଆସନ୍ତା ତା-୧୯.୦୫.୨୦୨୬ ରିଖ ଠାରୁ ତା-୦୨.୦୬.୨୦୨୬ ରିଖ ପର୍ଯ୍ୟନ୍ତ ଅନଲାଇନ ମାଧ୍ୟମରେ ଆବେଦନ କରିବେ।(Website–https://engagement-awc.odisha.gov.in) ଆବେଦନକାରୀ ସମସ୍ତ ଶିକ୍ଷାଗତ ଯୋଗ୍ୟତା ଜାତି ଗତ , ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ର,ଇତ୍ୟାଦିର ମୂଳ ପ୍ରମାଣପତ୍ର ଦାଖଲ କରି ଅନଲାଇନ ମାଧ୍ୟମରେ ଆବେଦନ କରିବେ।ଅସମ୍ପୂର୍ଣ୍ଣ ଭାବେ ପୂରଣ କରାଯାଇଥିବା ଆବେଦନ ପତ୍ର ଏବଂ ତ୍ରୁଟିଯୁକ୍ତ ଭାବେ ପୂରଣ କରାଯାଇ ଥିବା ଆବେଦନ ପତ୍ର ଗୁଡିକୁ ପ୍ରମାଣ ପତ୍ର ଯାଞ୍ଚ କରାଯିବା ଦିନ ରଦ୍ଦ କରାଯିବ।

ଆବେଦନକାରୀଙ୍କ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ-:

୧- ଆବେଦନକାରୀ କେବଳ ମହିଳା ଶ୍ରେଣୀ ଓ ସମ୍ପୃକ୍ତ ଗ୍ରାମର କେନ୍ଦ୍ର ପରିସୀମାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୨- ପ୍ରାର୍ଥିନୀଙ୍କ ବୟସ ତା-୦୧.୦୧.୨୦୨୬ ରିଖ ସୁଦ୍ଧା ୧୮ ବର୍ଷରୁ କମ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବ।

୩- ଅଙ୍ଗନୱାଡି କେନ୍ଦ୍ର ପାଇଁ ଆବେଦନ କରିଥିବା ପ୍ରାର୍ଥିନୀ ସ୍ୱୀକୃତିପ୍ରାପ୍ତ ଉଚ୍ଚବିଦ୍ୟାଳୟରୁ ଅନ୍ୟୁନ ଦ୍ୱାଦଶ (+2 ) କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।

୪- ପ୍ରାର୍ଥିନୀଙ୍କ ପାଇଁ ଓଡିଆରେ ଲେଖି ପଢି ଓ କହି ପାରୁଥିବା ବାଧ୍ୟତାମୂଳକ ଅଟେ,।ଯେଉଁ ମାନେ ଇଂରାଜୀ ମାଧ୍ୟମରେ ଶିକ୍ଷା ଗ୍ରହଣ କରିଥିବେ ସେମାନଙ୍କର ସପ୍ତମ Standard ରେ ଓଡିଆ Pass କରିଥିବା ପ୍ରମାଣ ପତ୍ର ଦାଖଲ କରିବେ ।

୫- ସ୍ଥାୟୀ ବାସିନ୍ଦା ଓ ଜାତିଗତ ପ୍ରମାଣ ପତ୍ର ସମ୍ପୃକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିଲେ ତାହା ଗ୍ରହଣୀୟ ଅଟେ।

୬ – ଆବେଦନ ଫର୍ମରେ ନିଜର ଏକପାସ ପୋର୍ଟ ସାଇଜ ଫଟୋ ଲଗାଇବେ।

୭- ଅନାଥ, ବିଧବା, ଭିନ୍ନକ୍ଷମ, ଅସହାୟ, ଛାଡପତ୍ର ପାଇ ଥିବା ମହିଳା ,ପରିତ୍ୟକ୍ତ ମହିଳା , ତଫସିଲ ଭୁକ୍ତଜାତି/ଜନ ଜାତି, ଉଚ୍ଚଶିକ୍ଷାଗତ ଯୋଗ୍ୟତା ହୋଇଥିଲେ ପ୍ରାର୍ଥିନୀ ସିକୃତି ପ୍ରାପ୍ତ ଅଧିକାରୀଙ୍କଠାରୁ ପ୍ରମାଣ ପତ୍ର ଦାଖଲ କରିବେ।

୮–ଆବେଦନକାରୀ ମାନଙ୍କୁ ଜଣାଇ ଦିଆଯାଉଅଛିକି ଆସନ୍ତା ତା-୧୯.୦୫.୨୦୨୬ ରିଖ ଠାରୁ ତା-୦୨.୦୬.୨୦୨୬ ରିଖ ପର୍ଯ୍ୟନ୍ତ ଉପରୋକ୍ତ ସମସ୍ତ ପ୍ରମାଣ ପତ୍ର ଦେଇ ଅନଲାଇନ ମାଧ୍ୟମରେ ଆବେଦନ କରିବେ ।

୯ - ଆସନ୍ତା **୦୩.୦୬.୨୦୨୬** ଦିବା ୦୮.୦୦ ଘଣ୍ଟା ସମୟରେ ଅବେଦନକାରିଣୀମାନେ ମୂଳ ପ୍ରମାଣ ପତ୍ର ସହିତ ଶିଶୁ ବିକାଶ କାର୍ଯ୍ୟାଳୟରେ ଅନଲାଇନ ମାଧମରେ ଦାଖଲ କରିଥିବା ପ୍ରମାଣ ପତ୍ରର ଯାଞ୍ଚ ପାଇଁ ଉପସ୍ଥିତ ରହିବେ ଓ ଯେଉଁ ମାନେ ଅନୁପସ୍ଥିତ ରହିବେ ସେମାନଙ୍କର ପ୍ରାଥୀତ୍ୱ ରଦ୍ଦ ହେବ ।

ବି:ଦ୍ର- ୧- ଅନଲାଇନ ଆବେଦନ କାରିଣୀ ଦାଖଲ କରିଥିବା ଯେକୌଣସି ପ୍ରମାଣ ପତ୍ର ମିଥ୍ୟା ପ୍ରମାଣ ହେଲେ ତାଙ୍କର ପ୍ରାଥିତ୍ୱ ନାକଜ ହେବା ସହିତ ଆଇନ ଅନୁଯାୟୀ ଦଣ୍ଡନୀୟ ହେବେ।

<u>ଅଙ୍ଗନୱାଡି କେନ୍ଦ୍ରର ତାଲିକା</u>

| କ୍ରମିକ ନମ୍ବର | ଗ୍ରାମ ପଞ୍ଚାୟତର ନାମ | ଖାଲି ପଡିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ଘର ସଂଖ୍ୟା | ସମ୍ପୃକ୍ତ କେନ୍ଦ୍ର ପାଇଁ ଅଞ୍ଚଳର ମହିଳାମାନେ ଆବେଦନ କରି ପାରିବେ (ସର୍ଭେ ପରିସୀମା ଭିତରେ ) |
|---|---|---|---|---|
| ୧. | ଖରଝୁରା | ଖରଝୁରା – ଗ | ୦୦୧ ରୁ ୦୬୧ | କାର୍ତ୍ତିକ ନାଗ ଙ୍କ ଘର ଠାରୁ ଉପେନ୍ଦ୍ର ମହାନନ୍ଦ ଙ୍କ ଘର ପର୍ଯ୍ୟନ୍ତ |

ପରିପତ୍ର ସଂଖ୍ୟା ୬୨୨ ତାରିଖ ୧୫.୦୫.୨୦୨୬

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମ ଖରଝୁରା – ଗ ଓ ଗ୍ରାମ ପଞ୍ଚାୟତ ଖରଝୁରା ପଞ୍ଚାୟତ କାର୍ଯ୍ୟାଳୟ/ ଶିଶୁ ବିକାଶ ପ୍ରକଳ୍ପ, ସୋନପୁରଙ୍କ ନୋଟିସ ବୋର୍ଡ ପଞ୍ଚାୟତ ସମିତି ସୋନପୁରଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଛାପିବା ପାଇଁ ପ୍ରେରଣ କରାଗଲା।

ସାଗରିକା ସ୍ୱାଇଁ

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋନପୁର

Child Development Project Officer, Sonepur

ପରିପତ୍ର ସଂଖ୍ୟା ୬୨୮ ତାରିଖ ୧୫.୦୫.୨୦୨୬

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ସୋନପୁର ,ଗୋଷ୍ଠୀ ଉନ୍ନୟନ ଅଧିକାରୀ,ସୋନପୁର,ତହସିଲଦାର ସୋନପୁର ,ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ସୁବର୍ଣ୍ଣପୁରଙ୍କ ଅବଗତି ତଥା ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା।

ସାଗରିକା ସ୍ୱାଇଁ

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,ସୋନପୁର

Child Development Project Officer, Sonepur

ପରିପତ୍ର ସଂଖ୍ୟା ୬୨୭ ତାରିଖ ୧୫.୦୫.୨୦୨୬

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ସୁବର୍ଣ୍ଣପୁରଙ୍କ ଅଧକ୍ଷ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା ଯେ, ଏହି ବିଜ୍ଞାପାନରେ ସଂଲଗ୍ନ କରିବାକୁ ଅନୁରୋଧ।

ସାଗରିକା ସ୍ୱାଇଁ

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୋନପୁର

Child Development Project Officer, Sonepur